# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**8th September - 2025**

**********************************

## ଅଭିଯୋଗ ଶୁଣାଣୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଆଜି ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଯୋଗୁଁ ଜନଅଭିଯୋଗ ଶୁଣାଣୀକୁ ସ୍ଥଗିତ ରଖାଯାଇଛି। ପରବର୍ତ୍ତୀ ଶୁଣାଣୀ ନିଷ୍ପତ୍ତି ଗଣମାଧ୍ୟମ ଦ୍ୱାରା ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ନିଶାଦ୍ରବ୍ୟ କାରବାର

ଓଡ଼ିଶା ଅବକାରୀ ବିଭାଗ ପକ୍ଷରୁ ରାଜ୍ୟରେ ଚୋରା ନିଶାଦ୍ରବ୍ୟ କାରବାରକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଭିନ୍ନ ସ୍ଥାନରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧ କୋଟି ୪୨ ଲକ୍ଷ ଟଙ୍କାର ନିଶାଦ୍ରବ୍ୟ ଜବତ କରାଯାଇଛି। ୨୬୪ଟି ମାମଲା ରୁଜୁ କରାଯିବା ସହ ୧୮୩ ଜଣଙ୍କୁ ଗିରଫ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ୨୫୧ କିଲୋଗ୍ରାମ ଗଞ୍ଜେଇ, ୩୧୭ ଗ୍ରାମ ବ୍ରାଉନ୍‌ସୁଗାର, ୯ କିଲୋଗ୍ରାମ ଭାଙ୍ଗ ଅନ୍ତର୍ଭୁକ୍ତ। ବେଆଇନ୍ ଉପାୟରେ ପ୍ରସ୍ତୁତ ବହୁ ପରିମାଣର ଜବତ ମଦକୁ ମଧ୍ୟ ନଷ୍ଟ କରାଯାଇଛି।

# ସିଙ୍ଗଲ ଓ୍ୱିଣ୍ଡୋ

ଆସନ୍ତା ଦୁର୍ଗାପୂଜା ନିମନ୍ତେ ବିଭିନ୍ନ ଅନୁମତିପତ୍ର ପ୍ରଦାନ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥବା ଏକକ ବାତାୟନ ବ୍ୟବସ୍ଥାକୁ ଗୋଟିଏ ଦିନ ବୃଦ୍ଧି କରାଯାଇଛି । ପୂଜା କମିଟି ଗୁଡ଼ିକର ଅନୁରୋଧ ପରେ ପୂଜା ପେଣ୍ଡାଲ ଏବଂ ଗେଟ୍ ନିର୍ମାଣ ପାଇଁ ହୋଇଥିବା ସିଙ୍ଗଲ ଓ୍ୱିଣ୍ଡୋ ବ୍ୟବସ୍ଥାକୁ ଆଜି ଦିନକ ପାଇଁ କାର୍ଯ୍ୟକ୍ଷମ ରଖାଯାଇଛି । ତେବେ ଆଜି ପରେ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ସୂଚନା ଦେଇଛି ।

# ସ୍ୱାସ୍ଥ୍ୟମନ୍ତ୍ରୀ-ଅଭିଜିତ ମଜୁମଦାର

ଭୁବନେଶ୍ୱର ଏମ୍ସରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାରଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପଚାରି ବୁଝିଛନ୍ତି । ଗତ ସଂଧ୍ୟାରେ ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍ସ ପରିଦର୍ଶନ କରି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଦଳଙ୍କ ସହ ଆଲୋଚନା କରିଥିବା ଜଣାପଡିଛି । ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଆବଶ୍ୟକ ହେଲେ ଅଭିଜିତ୍ ମଜୁମଦାରଙ୍କୁ ଦିଲ୍ଲୀ ଏମ୍ସ ସ୍ଥାନାନ୍ତର କରାଯିବ । ଅଭିଜିତ୍‌ଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ସମାଜରେ ସାକ୍ଷରତାର ଗୁରୁତ୍ୱକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଉଛି । ଆଜି ଦିବସର ବାର୍ତ୍ତା ରହିଛି ଡିଜିଟାଲ ଯୁଗରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା । ଅକ୍ଟୋବର ୨୬, ୧୯୬୬ ମସିହାରେ ପ୍ରଥମ ଥରପାଇଁ ୟୁନେସ୍କୋର ଚତୁର୍ଦ୍ଦଶ ସାଧାରଣ ସମ୍ମିଳନୀରେ ସେପ୍ଟେମ୍ବର ୮ ତାରିଖକୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା । ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ସାକ୍ଷରତା ହାର ୭୪ ଦଶମିକ ୪ ପ୍ରତିଶତ ରହିଥିବାବେଳେ ମହିଳାଙ୍କ ସାକ୍ଷରତା ହାର ୬୫ ଦଶମିକ ୪/୬ ଓ ପୁରୁଷଙ୍କ ସାକ୍ଷରତା ହାର ୮୨ଦଶମିକ ୧/୪ ପ୍ରତିଶତ ରହିଥିଲା । ତେବେ ଅନ୍ୟଏକ ରିପୋର୍ଟ ଅନୁଯାୟୀ ୨୦୨୩-୨୪ ବର୍ଷ ସୁଦ୍ଧା ଦେଶର ସାକ୍ଷରତା ହାର ୮୦ ଦଶମିକ ୯ ପ୍ରତିଶତକୁ ବୃଦ୍ଧି ପାଇଛି ।

## ଭିତ୍ତିପ୍ରସ୍ତର ସ୍ଥାପନ

ଗଞ୍ଜାମ ଜିଲ୍ଲା କୋଦଳା ଏନ୍‌ଏସି ଜଳାଶୟର ପୁର୍ନଉଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଏକ ଦଳୀୟ

କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

## କ୍ଷେତ୍ର ପରିଦର୍ଶନ

ଭଦ୍ରକ ଜିଲ୍ଲା କୃଷି ବିଭାଗ ପକ୍ଷରୁ ବ'ନ୍ତ ବ୍ଲକ ତୁମ୍ବାପଦି ଏବଂ କାଦବରାଙ୍ଗ ପଞ୍ଚାୟତରେ ବରିଷ୍ଠ କୃଷି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଛନ୍ତି । ସଂପୃକ୍ତ ଅଧିକାରୀମାନେ ଚାଷୀଙ୍କ ସହ ଜଳବାୟୁ ପରିବର୍ତ୍ତନ, ମାଣ୍ଡିଆ ଚାଷ ଆଦି ସମ୍ପର୍କରେ ଆଲୋଚନା କରିବା ସହ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୃହ ଅନୁଧ୍ୟାନ କରିଥିଲେ ।

## ସାର ଯୋଗାଣ

ନୂଆପଡା ଜିଲ୍ଲାରେ ଏପର୍ଯ୍ୟନ୍ତ ୧୨ହଜାର ୯୩୫ ମେଟ୍ରିକଟନ୍ ୟୁରିଆ ସାର ଯୋଗାଣ ହୋଇଥିବା ଜିଲ୍ଲାପାଳ କହିଛନ୍ତି । ଚଳିତ ଖରିଫ ଋତୁରେ ୧୧ହଜାର ୫୦୦ ମେଟ୍ରିକ ଟନ୍ ସାର ଆବଶ୍ୟକ ଥିବାବେଳେ ଅଧିକ ସାର ଯୋଗାଇ ଦିଆଯାଇଥିବା ଜିଲ୍ଲାପାଳ କହିଛନ୍ତି । ଗତକାଲି ସାର ଅଭାବ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିବା ଲୋକମାନେ ଚାଷୀଙ୍କ ଜମି ପରିମାଣ ମୁତାବକ ୟୁରିଆ ସାର ଯୋଗାଇ ଦେବାକୁ ଦାବି କରିଛନ୍ତି ।

## ବେଳାଭୂମି-ପର୍ଯ୍ୟଟକ ସୁରକ୍ଷା

ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ଆଲୋଚନା ହୋଇଛି । ଗତକାଲି ଅପରାହ୍ଣରେ ଦକ୍ଷିଣାଞ୍ଚଳ ଆଇଜି

ନୀତିଶେଖର ବେଳାଭୂମି ପରିଦର୍ଶନ କରିବା ସହ ସେଠାରେ ଥିବା ବିଟ୍ ହାଉସ୍‌ର ଉନ୍ନତିକରଣ ନିମନ୍ତେ ଆଲୋଚନା କରିଥିଲେ । ବେଳାଭୂମିରେ ପର୍ଯ୍ୟାପ୍ତ ଆଲୋକୀକରଣ ବ୍ୟବସ୍ଥା କରିବା, ସିସିଟିଭି, ସୂଚନାଫଳକ ସ୍ଥାପନ ଓ ପୋଲିସ ପାଟ୍ରୋଲିଂ କଡାକଡି କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।

## ଚନ୍ଦ୍ରଗ୍ରହଣ-ବୁଡ଼

ଭାଦ୍ରବ ପୂର୍ଣ୍ଣିମା ପର୍ବ ସୁବର୍ଣ୍ଣପୁର ଜିଲ୍ଲାରେ ପାରମ୍ପରିକ ରୀତିନୀତି ସହ ପାଳିତ ହୋଇଥିବାବେଳେ ଚନ୍ଦ୍ରଗ୍ରହଣ ଉପଲକ୍ଷେ ମହାନୀର ପାପକ୍ଷୟ ଘାଟରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି । ସୂଚନା ଅନୁଯାୟୀ ଦ୍ୱିତୀୟ ଅନଙ୍ଗ ଭୀମଦେବ ସେଠାରେ ସ୍ନାନ କରିବା ପରେ ଅଜଣା ବ୍ୟାଧିରୁ ମୁକ୍ତ ହୋଇଥିବା ଇତିହାସ ରହିଛି ।

## ବାଦ୍ୟଯନ୍ତ୍ର ତାଲିମ

ନୂଆପଡା ଜିଲ୍ଲା ଖଡ଼ିଆଲ କେନ୍ଦ୍ରୀୟ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ବାଦ୍ୟଯନ୍ତ୍ର ତାଲିମ ପ୍ରଦାନ କରାଯାଇଛି । ବିଶେଷକରି ସଂସ୍କୃତି ଏବଂ ପ୍ରାଚୀନ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଅତିରିକ୍ତ ଶିକ୍ଷା ଛାତ୍ରଛାତ୍ରୀମାନଙ୍କୁ ସହାୟକ ହେବ ବୋଲି କୁହାଯାଇଛି । ବିଦ୍ୟାଳୟର ଇଚ୍ଛୁକ ଛାତ୍ରଛାତ୍ରୀମାନେ ବାଦ୍ୟଯନ୍ତ୍ର ତାଲିମ ନେଉଥିବା ଜଣାପଡିଛି ।

# ହକି-ଚମ୍ପିଆନ

ବିହାରର ରାଜଗିରି ହକି ଷ୍ଟାଡିୟମରେ ଅନୁଷ୍ଠିତ ଏସିଆକପ୍ ହକି ଚମ୍ପିଆନ୍‌ସିପ୍‌ର ଫାଇନାଲ ମ୍ୟାଚ୍‌ରେ ଭାରତ' ଦକ୍ଷିଣକୋରିଆକୁ ୪-୧ ଗୋଲରେ ପରାସ୍ତ କରି ଚତୁର୍ଥଥର ପାଇଁ ଚମ୍ପିଆନ ହୋଇଛି । ୮ ବର୍ଷ ପରେ ଭାରତ ଏହି ଟାଇଟଲ ହାସଲ କରିବା ସହ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ୨୦୨୬ ନିମନ୍ତେ ଯୋଗ୍ୟତା ଅର୍ଜନ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ହକି ଦଳକୁ ଟାଇଟଲ ହାସଲ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଭାରତୀୟ କ୍ରୀଡ଼ା ଏବଂ ହକି ଜଗତ ପାଇଁ ଏହା ଅତ୍ୟନ୍ତ ଗୌରବର ମୁହୂର୍ତ୍ତ । ଏହି ବିଜୟ ହାସଲ ପରେ ହକି ଇଣ୍ଡିଆ ପକ୍ଷରୁ ପ୍ରତ୍ୟେକ ଖେଳାଳିଙ୍କୁ ୩ଲକ୍ଷ ଟଙ୍କା ଓ ସହଯୋଗୀ ଷ୍ଟାଫଙ୍କୁ ଦେଢ଼ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରାଯାଇଛି ।

# ପାଣିପାଗ

ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସକାଳ ୬ଟା ସୁଦ୍ଧା ୬୨୬ ଦଶମିକ ୯/୧ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡ୍‌ରେ ୧ ଲକ୍ଷ

୪୩ ହଜାର ୫୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୪ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ୧ ଲକ୍ଷ ୪ ହଜାର ୯୩୭ ଘନଫୁଟ ଜଳ ମହାନଦୀକୁ ନିଷ୍କାସିତ ହେଉଛି ।